# NATIONAL NEWS BULLETIN (ODIA)

## 3 July - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡକୁ ଆସନ୍ତା ସୋମବାରରୁ ୬ ଦିନିଆ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ ।
- ଚଳିତ ବର୍ଷ ୧ ଟ୍ରିଲିୟନ୍ ଡଲାର୍ ରପ୍ତାନୀ ଲକ୍ଷ୍ୟ ହାସଲ କରିବା ଦିଗରେ ଅଗ୍ରସର ହେଉଛି ଭାରତ, ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀଙ୍କ ସୂଚନା ।
- ଭାରତର ପାରମ୍ପରିକ 'ନମସ୍ତେ' ଶୈଳୀରେ ଅଭିବାଦନ ପ୍ରକ୍ରିୟାକୁ ଜାପାନର ପ୍ରଶଂସା ।
- ୫୨ ହଜାର କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ସମ୍ପର୍କିତ ପ୍ରସ୍ତାବକୁ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦର ଅନୁମୋଦନ ।

ଏବଂ

- ଷୋଡ଼ଶ ଅର୍ଥ ଆୟୋଗଙ୍କ ପ୍ରସ୍ତାବ ଅନୁଯାୟୀ ପଞ୍ଚାୟତଗୁଡ଼ିକୁ ଅନୁଦାନ ପ୍ରଦାନ କରିବା ଦିଗରେ ପଦକ୍ଷେପ ନେଉଛନ୍ତି ସରକାର ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ସୋମବାରଠାରୁ ୬ ଦିନିଆ ଇଣ୍ଡୋନେସିଆ, ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଗସ୍ତରେ ଯିବେ । ଆଜି ନୂଆଦିଲ୍ଲୀଠାରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ପୂର୍ବ ବ୍ୟାପାର ସଚିବ ରୁଦ୍ରେନ୍ଦ୍ର ଟଣ୍ଡନ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ଶ୍ରୀ ମୋଦୀ ଆସନ୍ତା ୬ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ଇଣ୍ଡୋନେସିଆ ଗସ୍ତରେ ଯିବେ । ଗତବର୍ଷ ଗଣତନ୍ତ୍ର ଦିବସ ଅବସରରେ ରାଷ୍ଟ୍ରୀୟ ସମାରୋହର ମୁଖ୍ୟ ଅତିଥି ହୋଇଥିବା ଇଣ୍ଡୋନେସିଆର ରାଷ୍ଟ୍ରପତି ପ୍ରାବୋଓ୍ୱଙ୍କର ଭାରତ ଗସ୍ତ ସମୟରେ ଶ୍ରୀ ମୋଦୀ ତାଙ୍କ ସହିତ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା ଦ୍ୱିପକ୍ଷିୟ ସହଯୋଗ ସମ୍ପର୍କରେ ଆଲୋଚନା କରିଥିଲେ । ଶ୍ରୀ ମୋଦୀଙ୍କର ଏହି ଗସ୍ତ ଅବସରରେ ସେ ଇଣ୍ଡୋନେସିଆ ରାଷ୍ଟ୍ରପତିଙ୍କ ସହିତ ସମ୍ପୃକ୍ତ ପ୍ରସଙ୍ଗର ଅଗ୍ରଗତି ସମ୍ପର୍କରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି । ମାଲାକା ପ୍ରଣାଳୀ ସାମୁଦ୍ରିକ ଜୋନ୍‌ର ସୁରକ୍ଷା ଏବଂ ସ୍ଥିରତା ଦିଗରେ ଇଣ୍ଡୋନେସିଆ ସର୍ବଦା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସୁଛି । ଏହି ସାମୁଦ୍ରିକ ଜୋନ୍‌ଟି ଭାରତ ଲାଗି ମଧ୍ୟ ଅନେକ ଗୁରୁତ୍ୱପୂର୍ଣ୍ଣ ଅଟେ । ତେବେ ଏହା କେବଳ ଭାରତ ଲାଗି ନୁହେଁ ସମଗ୍ର ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ସ୍ଥିର ରଖିବା ଦିଗରେ ମଧ୍ୟ ଏକ

ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ବୋଲି ଶ୍ରୀ ଟଣ୍ଡନ କହିଛନ୍ତି । ସେ କହିଛନ୍ତି, ଏହି ଗସ୍ତ ଅବସରରେ ଶ୍ରୀ ମୋଦୀ ଜାକର୍ତ୍ତାଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ଏହାଛଡ଼ା ଯୋଗକର୍ତ୍ତାଠାରେ ଥିବା ପ୍ରମ୍ବାନନ ମନ୍ଦିରକୁ ମଧ୍ୟ ପ୍ରଧାନମନ୍ତ୍ରୀ ଗସ୍ତ କରିବେ ବୋଲି ଜଣାପଡ଼ିଛି ।

ଶ୍ରୀ ଟଣ୍ଡନ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଗସ୍ତର ଦ୍ୱିତୀୟ ଚରଣରେ ସେ ଆଗାମୀ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ଯିବେ । ଏହି ଗସ୍ତ ଅବସରରେ ମେଲବୋର୍ଣ୍ଣଠାରେ ଆୟୋଜିତ ହେବାକୁ ଥିବା ତୃତୀୟ ଭାରତ-ଅଷ୍ଟ୍ରେଲିଆ ବାର୍ଷିକ ସମ୍ମିଳନୀରେ ସେ ଅଂଶଗ୍ରହଣ କରିବେ । ପ୍ରଧାନମନ୍ତ୍ରୀ ଅଷ୍ଟ୍ରେଲିଆ କର୍ତ୍ତୃପକ୍ଷଙ୍କ ସହିତ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ସାଇବର ସୁରକ୍ଷା, ଏକ ସ୍ଥାୟୀ ଯୋଗାଣ ଶୃଙ୍ଖଳ ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳ ସମେତ ବିଭିନ୍ନ ଦ୍ୱିପକ୍ଷିୟ ସମ୍ପର୍କ ଉପରେ ଆଲୋଚନା କରିବାର କାର୍ଯ୍ୟସୂଚୀ ରହିଛି ।

ଗସ୍ତର ଶେଷ ପର୍ଯ୍ୟାୟରେ ଶ୍ରୀ ମୋଦୀ ୧୦ ଓ ୧୧ ଦୁଇ ଦିନ ନ୍ୟୁଜିଲାଣ୍ଡ ଗସ୍ତ କରିବେ । ଏହି ଅବସରରେ ସେ ତାଙ୍କ ନ୍ୟୁଜିଲାଣ୍ଡ ପ୍ରତିପକ୍ଷ କ୍ରିଷ୍ଟୋଫର ଲକ୍‌ସନଙ୍କ ସହିତ ଆପୋଷ ସ୍ୱାର୍ଥ ଜଡ଼ିତ ବିଭିନ୍ନ ଦ୍ୱିପକ୍ଷିୟ ତଥା ବୈଶ୍ୱିକ ସମସ୍ୟା ଉପରେ ମତ ବିନିମୟ କରିବେ । ଗତ ୪୦ ବର୍ଷ ଭିତରେ ଏହା ହେଉଛି ପ୍ରଥମ ଭାରତୀୟ ପ୍ରଧାନମନ୍ତ୍ରୀଙ୍କର ନ୍ୟୁଜିଲାଣ୍ଡ ଗସ୍ତ ବୋଲି ଶ୍ରୀ ଟଣ୍ଡନ ସୂଚନା ଦେଇଛନ୍ତି ।

# ଗୋୟଲ-ଟ୍ରେଡ୍ ମିଟିଂ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଚଳିତ ବର୍ଷ ୧ ଟ୍ରିଲିୟନ୍ ଡଲାର୍ ରପ୍ତାନୀ ଲକ୍ଷ୍ୟ ହାସଲ କରିବା ଦିଗରେ ଭାରତ ଅଗ୍ରସର ହେଉଛି । ପ୍ରଥମ ତ୍ରୈମାସିକରେ ପ୍ରାୟ ୧୫ ପ୍ରତିଶତ ବାର୍ଷିକ ରପ୍ତାନୀ ହୋଇଥିବା ରେକର୍ଡ଼ କରାଯାଇଛି ବୋଲି ସେ ସୂଚନା ଦେଇଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ବାଣିଜ୍ୟ ବୋର୍ଡ଼ ବୈଠକରେ ଉଦ୍‌ବୋଧନ ଦେଇ ଶ୍ରୀ ଗୋୟଲ ଏହି ସୂଚନା ଦେଇ କହିଛନ୍ତି, ଭାରତର ସାମଗ୍ରୀ ରପ୍ତାନୀ ପରିମାଣକୁ ଏଥିଲାଗି ୪୪୦ ବିଲିୟନ୍ ଡଲାର୍‌ରୁ ପ୍ରାୟ ୫୩୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରାଯିବା ଆବଶ୍ୟକ ।

ସେହିଭଳି ସେବା ରପ୍ତାନୀ ପରିମାଣକୁ ୪୨୧ ବିଲିୟନ୍ ଡଲାର୍‌ରୁ ୪୭୦ ବିଲିୟନ୍ ଡଲାର୍‌କୁ ବୃଦ୍ଧି କରିବା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ଶ୍ରୀ ଗୋୟଲ କହିଛନ୍ତି, ଭାରତର ଏହି ସଶକ୍ତ ରପ୍ତାନୀ ରଣନୀତିରେ ସମାବେଶୀ ଦୃଷ୍ଟିକୋଣ ଉପରେ ପ୍ରାଧାନ୍ୟ ଦିଆଯାଇଛି । ଏହି ରଣନୀତିରେ ଦେଶର ପ୍ରତ୍ୟେକ ରାଜ୍ୟ, ଜିଲ୍ଲା ତଥା ଶିଳ୍ପାନୁଷ୍ଠାନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଦେଶର ରପ୍ତାନୀ ନୀତିରୁ ଯେଭଳି ଅଣୁ, କ୍ଷୁଦ୍ର, ମଧ୍ୟମ ଏବଂ ବୃହତ ଶିଳ୍ପାନୁଷ୍ଠାନଗୁଡ଼ିକ ସମାନ ଭାବେ ଲାଭର ସୁଯୋଗ ଉଠାଇପାରିବେ ସେଥିପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯାଇଛି ।

ବ୍ରିଟେନ୍, ସଂଯୁକ୍ତ ଆରବ ଏମିରେଟ୍ସ, ସ୍ୱିଜରଲାଣ୍ଡ ଏବଂ ଓମାନ ସହିତ ହେବାକୁ ଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମାଧ୍ୟମରେ ରପ୍ତାନୀକାରୀମାନେ ନୂତନ ସୁଯୋଗ ସୃଷ୍ଟି କରିବା ଉପରେ ଶ୍ରୀ ଗୋୟଲ ଗୁରୁତ୍ୱାରୋପ କରିଛନ୍ତି । ଏହି ବୈଠକ ପରେ ଗଣମାଧ୍ୟମ ସହ ମତବିନିମୟ ସମୟରେ ସେ କହିଛନ୍ତି, ୩୮ଟି ବିକଶିତ ରାଷ୍ଟ୍ର ସହ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମା ମାଧ୍ୟମରେ ଭାରତୀୟ ରପ୍ତାନୀ ବ୍ୟବସ୍ଥାକୁ ନୂତନ ସୁଯୋଗ ମିଳିଛି ଏବଂ ବିଶ୍ୱ ବଜାରରେ ଦେଶର ସାମଗ୍ରୀକୁ ପହଞ୍ଚାଇବାରେ ପଥ ସୁଗମ ହୋଇପାରିଛି । ଭାରତ ସହ ଅର୍ଥନୈତିକ ଓ ବାଣିଜ୍ୟିକ ଭାଗିଦାରିକୁ ଅଧିକ ସଶକ୍ତ କରିବା ଲାଗି ବିଶ୍ୱ ବ୍ୟାପି ଆଗ୍ରହ ବୃଦ୍ଧି ପାଇବାରେ ଲାଗିଛି ବୋଲି ଶ୍ରୀ ଗୋୟଲ କହିଛନ୍ତି ।

## ଜାପାନ-ନମସ୍ତେ

ଜାପାନ ପ୍ରଧାନମନ୍ତ୍ରୀ ସାନାଇ ତାକାଇଚି ଷୋଡ଼ଶ ଭାରତ-ଜାପାନ ବାର୍ଷିକ ସମ୍ମିଳନୀରେ ଯୋଗଦେବା ଲାଗି ନିକଟରେ ଭାରତ ଗସ୍ତ କରିଥିଲେ । ଏହି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଶ୍ରୀମତୀ ତାକାଇଚି ପରସ୍ପରକୁ ହାତ ଯୋଡ଼ି ଅଭିବାଦନ ଜଣାଇଥିଲେ । ଭାରତର ଏହି ପାରମ୍ପରିକ ନମସ୍ତେ ଶୈଳୀରେ ଅଭିବାଦନ ପ୍ରକ୍ରିୟାର ଗୁରୁତ୍ୱ ଉପରେ ଜାପାନର କ୍ୟାବିନେଟ୍ ଜନସମ୍ପର୍କ ଅଧିକାରୀ ଆଲୋକପାତ

କରିଛନ୍ତି । ଏ ସମ୍ପର୍କରେ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି, ଭାରତର ନମସ୍ତେ ଶୈଳୀରେ ଅଭିବାଦନ ହେଉଛି ଅଞ୍ଜଳୀ ମୁଦ୍ରାର ଏକ ଅଂଶ । ଦୁଇ ହାତର ପାପୁଲିକୁ ଏକତ୍ର କରି ବକ୍ଷସ୍ଥଳ ସମ୍ମୁଖରେ ଏହି ମୁଦ୍ରା ପ୍ରଦର୍ଶନ ହେଉଛି ଅନ୍ୟକୁ ସମ୍ମାନ ଦେବାର ପ୍ରତୀକ । ଏହାଦ୍ୱାରା ଜଣେ ବ୍ୟକ୍ତିର ନମ୍ରତା, ଅଭିବାଦନ ଏବଂ କୃତଜ୍ଞତା ପ୍ରତିଫଳିତ ହୋଇଥାଏ ବୋଲି ଜାପାନର ଜନସମ୍ପର୍କ ଅଧିକାରୀ ଏହି ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

ଏହି ସମ୍ମିଳନୀ ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଜାପାନ ପ୍ରଧାନମନ୍ତ୍ରୀ ଶ୍ରୀମତି ତାକାଇଚି ନିଜର ତିନି ଦିନିଆ ଭାରତ ଗସ୍ତ ଶେଷ କରି ଆଜି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଉଭୟ ଦେଶ ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛନ୍ତି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।

ଅନ୍ୟ ପକ୍ଷରେ ଜାପାନ ଗଣମାଧ୍ୟମ ପକ୍ଷରୁ ଏହି ସମ୍ମିଳନୀକୁ ଅତ୍ୟନ୍ତ ସଫଳ ବୋଲି ବର୍ଣ୍ଣନା କରାଯିବା ସହ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପାଇବ ବୋଲି କୁହାଯାଇଛି ।

# ଡିଏସି-ଡିଫେନ୍ସ ଫୋର୍ସ

ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ ଆଜି ୫୨ ହଜାର କୋଟି ଟଙ୍କା ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁର କରିଛନ୍ତି । ଦେଶର ପ୍ରତିରକ୍ଷା ବାହିନୀକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ବିଭିନ୍ନ ଅତ୍ୟାଧୁନିକ ଯୁଦ୍ଧ ସାମଗ୍ରୀ ଏବଂ ଶତ୍ରୁ ପକ୍ଷର ଉପଗ୍ରହ ତଥା କ୍ଷେପଣାସ୍ତ୍ରକୁ ଧ୍ୱଂସ କରିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବା ଲାଗି ଯୁଦ୍ଧାସ୍ତ୍ର ନିମନ୍ତେ ଏହି ଅର୍ଥ ବ୍ୟୟ କରାଯିବ ।

ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଆକାଶ ତରଙ୍ଗ ଭଳି ଇଲେକ୍ଟ୍ରୋନିକ୍ସ ଯୁଦ୍ଧ ବ୍ୟବସ୍ଥା ସେନାବାହିନୀକୁ ନିଜର ପ୍ରତିରକ୍ଷା ନିମନ୍ତେ ପ୍ରଦାନ କରାଯିବ । ସେହିଭଳି ଏମ୍.ଆର୍.ଏସ୍.ଏ.ଏମ୍. ବ୍ୟବସ୍ଥା ମାଧ୍ୟମରେ ବାୟୁସେନାକୁ ଅଧିକ ସୁଦୃଢ଼ କରାଯାଇପାରିବ । ସେହିଭଳି ନୌସେନା ଲାଗି ମଲ୍ଟି ଇନ୍‌ଫ୍ଲୁଏନ୍ସ ଗ୍ରାଉଣ୍ଡ ମାଇଣ୍ଡ ଭଳି ଅତ୍ୟାଧୁନିକ ପ୍ରତିରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ନିମନ୍ତେ ଏହି ପ୍ରସ୍ତାବରେ ଉଲ୍ଲେଖ ରହିଛି ।

# ରାଜୀବ ରଂଜନ-ପଞ୍ଚାୟତି ରାଜ ୱ୍ୱାର୍କସପ୍

କେନ୍ଦ୍ର ପଞ୍ଚାୟତିରାଜ ମନ୍ତ୍ରୀ ରାଜୀବ ରଂଜନ ସିଂହ କହିଛନ୍ତି, ପଞ୍ଚାୟତଗୁଡ଼ିକ ଲାଗି ୮୦ ପ୍ରତିଶତ ମୂଳ ଅନୁଦାନ ଏବଂ ୨୦ ପ୍ରତିଶତ ପ୍ରଦର୍ଶନ ଭିତ୍ତିକ ଅନୁଦାନ ପ୍ରଦାନ କରିବା ଲାଗି ଷୋଡ଼ଶ ଅର୍ଥ ଆୟୋଗଙ୍କ ପ୍ରସ୍ତାବ  ଦେଇଛନ୍ତି । ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀମାନଙ୍କର ଜାତୀୟ କର୍ମଶାଳାରେ ଅଧ୍ୟକ୍ଷତା କରିବା ପରେ ଗଣମାଧ୍ୟମକୁ ସେ ଏହି ସୂଚନା ଦେଇଛନ୍ତି । ଶ୍ରୀ ସିଂହ କହିଛନ୍ତି, ଆୟୋଗଙ୍କର ସୁପାରିଶକୁ ଉପଯୁକ୍ତ ଭାବେ କାର୍ଯ୍ୟକାରୀ କରିବା ଏବଂ ପ୍ରଦର୍ଶନ ଭିତ୍ତିକ ଅନୁଦାନର ସର୍ବାଧିକ ଲାଭ ଉଠାଇବା ଦିଗରେ ରାଜ୍ୟଗୁଡ଼ିକୁ ସକ୍ଷମ କରିବା ହେଉଛି ଏହି କର୍ମଶାଳାରେ ମୁଖ୍ୟ ଉଦ୍ଦେଶ୍ୟ । ୭୩ତମ ସାମ୍ବିଧାନିକ ସଂଶୋଧନ ଅନୁଯାୟୀ ପଞ୍ଚାୟତିରାଜକୁ ରାଜ୍ୟ ବିଷୟ ଭାବେ ପରିଗଣିତ କରାଯାଇଥାଏ । ଏହି ପରିପ୍ରେକ୍ଷୀରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଏକ ସଶକ୍ତ ସହଯୋଗ ମାଧ୍ୟମରେ ହିଁ ଏହି ଲକ୍ଷ୍ୟ ହାସଲ କରାଯାଇପାରିବ ବୋଲି ସେ କହିଛନ୍ତି ।

ଏ ସମ୍ପର୍କରେ ସୂଚନା ଦେଇ ପଞ୍ଚାୟତିରାଜ ମନ୍ତ୍ରଣାଳୟ କହିଛି, ୧୮ଟି ରାଜ୍ୟ ଆଜିକାର ଏହି କର୍ମଶାଳାରେ ଅଂଶଗ୍ରହଣ କରିଥିଲେ । ଷୋଡ଼ଶ ଅର୍ଥ ଆୟୋଗଙ୍କ ସୁପାରିଶ ଅଧୀନରେ ୨ ଲକ୍ଷ ୭୬ ହଜାର ଗ୍ରାମାଞ୍ଚଳ ପୌର ସଂସ୍ଥାଗୁଡ଼ିକୁ ସାମିଲ କରାଯାଇଛି । ଏହିସବୁ

ସଂସ୍ଥାଗୁଡ଼ିକ ଲାଗି ଷୋଡ଼ଶ ଅର୍ଥ ଆୟୋଗ ୪ ଲକ୍ଷ ୩୫ ହଜାର ୨୩୬ କୋଟି ଟଙ୍କା ସୁପାରିଶ କରିଛନ୍ତି । ପଞ୍ଚଦଶ ଅର୍ଥ ଆୟୋଗଙ୍କର ଅନୁଦାନ ତୁଳନାରେ ଚଳିତ ଆୟୋଗ ପ୍ରାୟ ୮୪ ପ୍ରତିଶତ ବୃଦ୍ଧି କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି । ନିଜ ସୂତ୍ରରୁ ରାଜସ୍ୱ ବୃଦ୍ଧି କରିବା, ସ୍ୱଚ୍ଛତା ବଜାୟ ରଖିବା ଏବଂ ପଞ୍ଚାୟତ ବ୍ୟବସ୍ଥାକୁ ସଶକ୍ତ କରିବା ଲାଗି ଡିଜିଟାଲ ସୁ-ଶାସନ ଆପଣାଇବା, ଆର୍ଥିକ ଦୃଷ୍ଟିକୋଣରୁ ଆତ୍ମନିର୍ଭର ହେବା ସହିତ ଜନସେବାକୁ ଉନ୍ନତ କରିବା ଉପରେ ଆୟୋଗ ସର୍ବଦା ଗୁରୁତ୍ୱ ଦେଇଛନ୍ତି । ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଲକ୍ଷ୍ୟ ପୂରଣକୁ ଦୃଷ୍ଟିରେ ରଖି ପଞ୍ଚାୟତଗୁଡ଼ିକର ସାମଗ୍ରୀକ ବିକାଶ କରିବା ଉଦ୍ଦେଶ୍ୟରେ ଆୟୋଗ ଏହି ସୁପାରିଶ କରିଛନ୍ତି ବୋଲି ମନ୍ତ୍ରଣାଳୟ କହିଛି ।

## ଏମ୍‌ଇଏ-ବ୍ରିଫିଂ

ଇସ୍‌ଲାମାବାଦର ସୀମାପାର ଆତଙ୍କବାଦୀକୁ ନିରନ୍ତର ସମର୍ଥନ ଜାରି ରହିଥିବାରୁ ସିନ୍ଧୁ ଜଳ ଚୁକ୍ତିନାମାକୁ ଅସ୍ଥାୟୀ ଭାବେ ସ୍ଥଗିତ ରଖାଯିବା ପଦକ୍ଷେପକୁ ଭାରତ ଦୋହରାଇଛି । ଆଜି ସନ୍ଧ୍ୟାରେ ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧିର ଜୟସ୍ୱାଲ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ସିନ୍ଧୁ ଜଳ ଚୁକ୍ତିନାମା ପ୍ରସଙ୍ଗରେ ଭାରତର ସ୍ଥିତି ସ୍ଥିର ରହିଛି । ତେବେ ପାକିସ୍ତାନ ସୀମାପାର

ଆତଙ୍କବାଦ ପ୍ରତି ନିଜର ସମର୍ଥନ ପ୍ରତ୍ୟାହାର କରିବା ଉପରେ ଭାରତ ଗୁରୁତ୍ୱାରୋପ କରୁଛି ।

ତିସ୍ତା ନଦୀ ସମନ୍ୱିତ ପରିଚାଳନା ଏବଂ ପୁନରୁଦ୍ଧାର ପ୍ରକଳ୍ପ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ଜୟସ୍ୱାଲ କହିଛନ୍ତି, ଆପୋଷ ସହମତରେ ବାଂଲାଦେଶର ଏହି ପ୍ରକଳ୍ପ ଲାଗି ଭାରତର ଉନ୍ନତି ମୂଳକ ସହାୟତା ଜାରି ରହିଛି ଏବଂ ଏହାର ଅଗ୍ରଗତି ସମ୍ପର୍କରେ ନିୟମିତ ଭାବେ ସମୀକ୍ଷା କରାଯାଉଛି । ଏହି ପ୍ରକଳ୍ପ ସମ୍ପର୍କରେ ଭାରତର ମତାମତକୁ ବାଂଲାଦେଶକୁ ଜଣାଇ ଦିଆଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଭେନେଜୁଏଲାରୁ ଆସିଥିବା ଜଣେ ମୃତ ଭାରତୀୟ ନାବିକଙ୍କର ଶରୀରରୁ କିଛି ଗୁରୁତ୍ୱପୂର୍ଣ୍ଣ ଅଙ୍ଗ କଢ଼ାଯାଇଥିବା ଅଭିଯୋଗ ସମ୍ପର୍କରେ ନିଜ ପ୍ରତିକ୍ରିୟା ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଏ ସମ୍ପର୍କରେ ଭାରତ ସମ୍ପୃକ୍ତ ଦେଶର କର୍ତ୍ତୃପକ୍ଷଙ୍କ ସହିତ ଆଲୋଚନା ଜାରି ରଖିଛନ୍ତି ଏବଂ ଏହାର ତୁରନ୍ତ ତଦନ୍ତ କରିବା ଲାଗି ଅନୁରୋଧ କରାଯାଇଛି ।

# ଫିଫା

ଫିଫା ବିଶ୍ୱକପ୍ ଟୁର୍ଣ୍ଣାମେଣ୍ଟର ଆଜି ରାତିରେ ଆମେରିକାର ଆର୍ଲିଂଟନ୍‌ଠାରେ ଅନୁଷ୍ଠିତ ହେବାକୁ ଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆ’ ଇଜିପ୍ଟକୁ ଭେଟିବ । ସେହିଭଳି ମିଆମି ଗାର୍ଡେନ୍ସଠାରେ ଅନ୍ୟ ଏକ ମ୍ୟାଚ୍‌ରେ ଆର୍ଜେଣ୍ଟିନା ଓ କାବୋ-ଭେର୍ଡେ ମଧ୍ୟରେ ମୁକାବିଲା ହେବ ।

ଏତଦ୍‌ବ୍ୟତୀତ ଆସନ୍ତାକାଲି ସକାଳେ କାନାସିଟି ଷ୍ଟାଡିୟମ୍‌ଠାରେ କଲମ୍ବିୟା ଓ ଘାନା ପରସ୍ପରକୁ ଭେଟିବେ ।

ଇତିମଧ୍ୟରେ ସ୍ୱିଜରଲାଣ୍ଡ, ସ୍ପେନ୍, ପର୍ତ୍ତୁଗାଲ, ବେଲ୍‌ଜିୟମ୍, ଯୁକ୍ତରାଷ୍ଟ୍ର ଆମେରିକା, ଇଂଲଣ୍ଡ, ମେକ୍ସିକୋ, ଫ୍ରାନ୍ସ, ନରୱେ, କାନାଡ଼ା, ମରକ୍କୋ, ବ୍ରାଜିଲ୍ ଏବଂ ପାରାଗୁଏ ଷୋଡ଼ଶ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି ।